## ଆଲ୍ଲାଙ୍କର ଗୁଣ

ଆଲ୍ଲା ଏକମାତ୍ର ଅଟନ୍ତି। ସେ ସମସ୍ତ ବିଷୟର  ସୃଷ୍ଟିକର୍ତ୍ତା ଅଟନ୍ତି।

ଆଲ୍ଲା ତାହାଙ୍କ ସୃଷ୍ଟି ,ତାହାଙ୍କ ବାକ୍ୟ ଓ ତାହାଙ୍କ ନବୀ ମାନଙ୍କ ଜୀବନ ମାଧ୍ୟମରେ ଆପଣାକୁ ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିଛନ୍ତି।

ତାହାଙ୍କ ସୃଷ୍ଟି ଦ୍ୱାରା ଆମେ ଜାଣୁ ଯେ ସେ ସର୍ବଶକ୍ତିମାନ, ସୃଷ୍ଟିକର୍ତ୍ତା ଓ ସର୍ବଜ୍ଞାନୀ  ଅଟନ୍ତି ।

ଆଲ୍ଲା ଓ ତାହାଙ୍କ ମାର୍ଗ ବିଷୟରେ ତାହାଙ୍କ ନବୀମାନେ ଆମ୍ଭ ମାନଙ୍କୁ  ଅନେକ ବିଷୟ ପ୍ରକାଶ କଲେ। ସେମାନେ କହିଛନ୍ତି ଆଲ୍ଲା ସର୍ବୋତ୍ତମ ଅଟନ୍ତି। ସେ ଦୟାଳୁ,ଅନୁଗ୍ରହକାରୀ ,ସିଦ୍ଧ,ଧାର୍ମିକ,ପ୍ରେମୀ,ଏବଂ ଦାନୀ ଅଟନ୍ତି। ଆପଣଙ୍କ ଜୀବନରେ ଥିବା ସମସ୍ତ ଉତ୍ତମ ବିଷୟ ଆଲ୍ଲାଙ୍କର ବରଦାନ ଅଟେ।

ଯେହେତୁ ଆଲ୍ଲା ଏକମାତ୍ର ଓ ସର୍ବୋତ୍ତମ ଅଟନ୍ତି , ତେଣୁ ଆମ୍ଭେମାନେ ନିଶ୍ଚୟ ତାହାଙ୍କ ମାର୍ଗ ଅନୁସନ୍ଧାନ କରି, ତାହାଙ୍କର ଅନୁଗମନ କରିବା ଉଚିତ।

## ଆଦମ ନବୀ

ଯେହେତୁ ଆଲ୍ଲା ଜଣେ ପ୍ରେମୀ ଓ ଦାନୀ  ଅଟନ୍ତି , ତେଣୁ ସେ ସେହି ପ୍ରକାର ପ୍ରାଣୀ ସହିତ ଘନିଷ୍ଠ ସମ୍ପର୍କ ରଖିବାକୁ ଇଛା କଲେ ,ଯେ ତାହାଙ୍କୁ ସ୍ବେଛାରେ ପ୍ରେମ କରିବାକୁ ପସନ୍ଦ କରିବ। ତେଣୁ ସେ ଆଦମ ଓ ହବା ଙ୍କୁ ସୃଷ୍ଟି କଲେ ଏବଂ ସେମାନଙ୍କୁ ସେ ଭଲ ମନ୍ଦ ପସନ୍ଦ କରିବାର ବରଦାନ ଦେଇ ,ଏଦନ ଉଦ୍ୟାନ ପରି ପାରଦୀଶ ସ୍ଥାନରେ ରଖିଲେ।

ଆଦମ ଓ ହବା ,ମନା କରାଯାଇଥିବା ବୃକ୍ଷର ଫଳ ଖାଇବାକୁ ପସନ୍ଦ କରି ଆଲ୍ଲାଙ୍କର ଅବାଧ ହୋଇଥିଲେ। ଏହି ଏକମାତ୍ର ଅବାଧତାର କାର୍ଯ୍ୟ ହେତୁ ସେମାନେ ବିଚାରିତ ହେଲେ, ଦଣ୍ଡ ପାଇଲେ ଓ ଏଦନ ଉଦ୍ୟାନରୁ ବହିଷ୍କୃତ ହେଲେ।

ମନୁଷ୍ୟଜାତି ପାରାଦୀଶରେ ବାସକରିବା ନିମନ୍ତେ ସୃଷ୍ଟି କରାଯାଇଥିଲା। ବାସ୍ତବରେ ମନୁଷ୍ୟମାନେ ଏହି ଦୁନିଆରେ ଖୁସିରେ ନାହାଁନ୍ତି। କାରଣ ଏହି ଜଗତ ସମସ୍ୟା ଓ ମନ୍ଦତାରେ ପରିପୂର୍ଣ୍ଣ ଅଟେ।

ଆଲ୍ଲା ଚାହାଁନ୍ତି ଆମ୍ଭେ ତାହାଙ୍କ ସହିତ ପାରଦୀଶରେ ଆରାମରେ ବାସ କରୁ। କିନ୍ତୁ ଯଦି ଆମେ ଅବାଧ ହେଉ, ସେ ଯେଉଁପ୍ରକାରେ ଆଦମ ଓ ହବା ଙ୍କୁ ବିଚାର କରି ଦଣ୍ଡ ଦେଲେ, ସେ ଆମ୍ଭକୁ ମଧ ସେହି ପ୍ରକାର ବିଚାର କରି ଦଣ୍ଡ ଦେବେ।

## ନୋହ ନବୀ

ନୋହ ନବୀଙ୍କ ସମୟରେ ଲୋକମାନେ ଅନବରତ ଭାବରେ ମନ୍ଦ କାର୍ଯ୍ୟ କରିବାକୁ ପସନ୍ଦ କଲେ। ଏହା ଆଲ୍ଲାଙ୍କ ମନରେ ଗଭୀର ଦୁଃଖ ଓ କ୍ରୋଧ ସଞ୍ଚାର କଲା। ଆଲ୍ଲା ସେହି ସମୟର ଦୁନିଆ କଥା ଚିନ୍ତା କରି ଜଳପ୍ଳାବନ ଦ୍ୱାରା ବିନଷ୍ଟ କରିବାକୁ ସ୍ଥିରକଲେ।

କିନ୍ତୁ ନୋହ ନବୀ ଆଲ୍ଲାଙ୍କର ସ୍ୱର ଶୁଣିଲେ ଓ ତାହାଙ୍କ ମାର୍ଗରେ ଚାଲିବାକୁ ଲାଗିଲେ। ଆଲ୍ଲା ତାଙ୍କୁ ଶୁଷ୍କ ଭୂମି ଉପରେ ଏକ ଜାହାଜ ନିର୍ମାଣକରିବା ପାଇଁ କହିଲେ। ଜାହାଜ ନିର୍ମାଣ କରୁଥିବା ସମଯରେ, ଯଦିଅବା ଲୋକମାନେ ତାହାଙ୍କୁ ପରିହାସ କରିବାକୁ ଲାଗିଲେ, ତଥାପି ସେ ଆଲ୍ଲାଙ୍କର ଆଜ୍ଞାବହ ହୋଇ ତାହା ନିର୍ମାଣ କଲେ। ଯେଉଁମାନେ ଆଲ୍ଲାଙ୍କର ଏହି ବାକ୍ୟକୁ ବିଶ୍ୱାସ କରି ଜାହାଜ ମଧରେ ପ୍ରବେଶ କଲେ, କେବଳ ସେହିମାନେ ବଞ୍ଚିଲେ ଓ ଅନ୍ୟମାନେ ଜଳପ୍ଳାବନରେ ମୃତ୍ୟୁ ଭୋଗ କଲେ।

ହୁଏତ ଲୋକମାନେ ଆମକୁ ପରିହାସ କରି ପାରନ୍ତି, କିନ୍ତୁ ବିଚାରର ଦଣ୍ଡରୁ ରକ୍ଷା ପାଇବା ପାଇଁ ଆମ୍ଭମାନଙ୍କୁ ଆଲ୍ଲାଙ୍କ ମାର୍ଗରେ ଅନୁଗମନ କରିବାକୁ ହେବ।

## ଇବ୍ରାହିମ ନବୀ

ଇବ୍ରାହିମ ନବୀଙ୍କୁ 'ଆଲ୍ଲାଙ୍କର ଦୋସ୍ତ' ବୋଲି କୁହାଯାଉଥିଲା। ସେ ଆଲ୍ଲାଙ୍କଠାରେ ସମ୍ପୂର୍ଣ୍ଣ ସମର୍ପିତ ଜୀବନ କାଟୁଥିଲେ। ଆଉ ଆଲ୍ଲା ଯେତେବେଳେ ତାଙ୍କ ପୁତ୍ରକୁ କୁର୍ବାନି ଦେବାକୁ କହିଲେ, ସେତେବେଳେ ସେ ସେଥିରେ ଇଛା ପ୍ରକାଶ କରିଥିଲେ।

କିନ୍ତୁ ଯେତେବେଳେ ଇବ୍ରାହିମ ନବୀ ତାଙ୍କ ପୁତ୍ରଙ୍କୁ କୁର୍ବାନି ଦେବା ନିମନ୍ତେ ଯାଉଥିଲେ, ଆଲ୍ଲା ଏକ ମେଣ୍ଢା ଛୁଆକୁ ତାହାଙ୍କ ପୁତ୍ରଙ୍କ ପ୍ରତିବଦଳରେ ଯୋଗାଇଲେ। ଆଉ ଏହି "ଚମତ୍କାର ବଳିଦାନର ମୂଲ୍ୟ ଦେଇ" ସେ ତାହାଙ୍କୁ ଉଦ୍ଧାର କଲେ।

ଇଦ୍- ଅଲ୍- ଆଧା" ଉତ୍ସବ ଏହି ସବୁ ବିଷୟ ନିମନ୍ତେ ପାଳନ କରାଯାଇଥାଏ।

ଯଦିଅବା ଆଲ୍ଲା ଆପଣଙ୍କଠାରୁ ଏକ କୁର୍ବାନି ଅପେକ୍ଷା କରନ୍ତି, ତଥାପି, ସେହି କୁର୍ବାନିର ପ୍ରତିବଦଳ ମଧ୍ୟ ସେ ଯୋଗାଇ ପାରନ୍ତି।

## ମୁଶା ନବୀ

ଆଲ୍ଲା ଇହୁଦୀମାନଙ୍କ ନିମନ୍ତେ ମୁଶା ନବୀଙ୍କୁ ଦଶଟି ଆଜ୍ଞା ଓ ଅନେକ ନୀତି ନିୟମ ପ୍ରଦାନ କରିଥିଲେ। ଆଲ୍ଲା ପ୍ରତିଜ୍ଞା କଲେ, ଯଦି ଏହି ଇହୁଦୀମାନେ ସମସ୍ତ ନୀତି ନିୟମ ପାଳନ କରିବେ, ତେବେ ସେ ସେମାନଙ୍କୁ ବରକତ ଦେବେ। ଏହି ଚୁକ୍ତିପତ୍ରକୁ ପୁରାତନ ନିୟମ ବୋଲି ନାମ ଦିଆ ଯାଇଥିଲା। କିନ୍ତୁ ନୀତିନିୟମଗୁଡିକ ଏତେ ଜଟିଳ ଥିଲା ଯେ ସେମାନେ ଏହାକୁ ନିର୍ଭୂଲ ଭାବରେ ପାଳନ କରିପାରିଲେ ନାହିଁ।

ଇହୁଦୀମାନେ ଜାଣିଲେ ଯେ ଆଲ୍ଲାଙ୍କର ନ୍ୟାୟ ବ୍ୟବସ୍ଥା ଅନୁସାରେ ଆଦମ ନବୀ ଯେପରି ବିଚାରିତ ହୋଇଥିଲେ, ସେମାନେ ମଧ୍ୟ ସେହିପରି ବିଚାରିତ ହେବେ।

କିନ୍ତୁ ଆଲ୍ଲା ଇବ୍ରାହିମ ନବୀ ଓ ତାଙ୍କ ପୁତ୍ର ପ୍ରତି ଯେପରି ଦୟା ପ୍ରକାଶ କରିଥିଲେ, ସେହିପରି ମଧ୍ୟ ଆପଣା ମହାଦୟାରେ ଇହୁଦୀମାନଙ୍କ ନଜାତ୍ ନିମନ୍ତେ ଏକ ମାର୍ଗ ପ୍ରସ୍ତୁତ କଲେ।

ପୁରାତନ ନିୟମରେ ଗୁନାହ ପାଇଁ କୁର୍ବାନି ଥିଲା, ଯେଉଁଥିରେ ରକ୍ତ ଉତ୍ସର୍ଗ କରିବାକୁ ପଡୁଥିଲା। ଏହା ଦର୍ଶାଉଥିଲା ଯେ, " ଗୁନାହର ପରିଣାମ ମୃତ୍ୟୁ ଅଟେ।"

## ପୁରାତନ ନିୟମର ସମାପ୍ତି

ମୁଶା ନବୀ ଇହୁଦୀମାନଙ୍କୁ ସତର୍କ କରାଇ କହିଥିଲେ ଯେ, ତୁମ୍ଭେମାନେ କୌଣସି ପରିସ୍ଥିତିରେ ଆଲ୍ଲାଙ୍କୁ ପରିତ୍ୟାଗ କରି ଅନ୍ୟ ଦେବଗଣର ଅନୁଗମନ କରିବ ନାହିଁ। ଏହା କଲେ ଆଲ୍ଲାଙ୍କ ସହିତ ନିୟମ ଭଗ୍ନ ହେବ। ନିୟମ ଭଗ୍ନ କଲେ ତୁମ୍ଭେମାନେ ଆକ୍ରମଣର ଶିକାର ହୋଇ ସେହି ଅନ୍ୟ ଦେଶକୁ ତୁମ୍ଭେମାନେ ଦାସ ଭାବରେ ପ୍ରେରଣ କରାଯିବ। କିଛି ବର୍ଷପରେ ଇହୁଦୀମାନେ ଅନ୍ୟ ଦେବତାର ଅନୁସରଣ କରି ନିୟମ ଭଗ୍ନ କଲେ ଓ ମୁଶା ନବୀଙ୍କର ଭବିଷ୍ୟତ ବାଣୀ ସଫଳ ହେଲା।

ଯେତେବେଳେ ଇହୁଦୀମାନେ ବାବିଲୋନ ଦେଶରେ ବନ୍ଦୀ ଜୀବନ କାଟୁଥିଲେ, ଆଲ୍ଲା ସେମାନଙ୍କ ନିକଟକୁ ଭରସାଯୁକ୍ତ ଭାବବାଣୀ ଦେଇ ଅନ୍ୟ ନବୀମାନଙ୍କୁ ପଠାଇଲେ। ସେମାନେ ଗୋଟିଏ ନୂତନ ନିୟମ ବିଷୟରେ ଭବିଷ୍ୟତ ବାଣୀ ପ୍ରକାଶ କଲେ, ଯାହା ସମସ୍ତ ମାନବଜାତିମାନଙ୍କ ନିମନ୍ତେ ଘଟିବାକୁ ଯାଉଥିଲା।

ଆଲ୍ଲାଙ୍କ ମେଣ୍ଢା ଛୁଆର ଅନ୍ତିମ କୁର୍ବାନି ସହିତ ଏକ ନୂତନ ନିୟମ ପ୍ରତିଷ୍ଠା ହେବ।

## ନବୀମାନେ ଏକ ନଜାତ୍‌ଦାତାଙ୍କ ବିଷୟରେ ପ୍ରତିଜ୍ଞା ଦେଲେ

ଅନ୍ୟ ନବୀମାନଙ୍କଠାରୁ ଇଶା ନବୀ କାହିଁକି ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅଟନ୍ତି? କାହିଁକି ଏକମାତ୍ର ଇଶା ନବୀଙ୍କୁ 'ଆଲ୍ଲାଙ୍କର କଲାମ' ଏବଂ 'ଆଲ୍ଲାଙ୍କର ରୁ' ବୋଲି ଡକାଗଲା? କାହିଁକି ସେ କୁଆଁରୀ କନ୍ୟା ଦ୍ୱାରା ଜନ୍ମ ନେଲେ ଏବଂ କୌଣସି ଗୁନାହ କରିନଥିବା ଏକମାତ୍ର ନବୀ, ଯିଏକି ଦୁନିଆର କୟାମତ୍ କରିବେ?

କୁର୍ବାନିର ପଶୁ ସମ୍ପୂର୍ଣ୍ଣ ପାକ୍ ହେବା ଆବଶ୍ୟକତା ଥିଲା। ଇସା ମସୀ ହେଉଛନ୍ତି କୁର୍ବାନିର ସେହି ମେଣ୍ଢା ଛୁଆ, ଯିଏ ସମ୍ପୂର୍ଣ୍ଣ ପାକ୍ ଅଟନ୍ତି। ୟସା ନବୀ ଭାବବାଣୀ କରିଥିଲେ, ଅନ୍ତିମ କୁର୍ବାନି ସ୍ୱୟଂ ଆଲ୍ଲାହିଁ ହେବେ। ସେ ଦୁନିଆରେ ଜନ୍ମ ନେବେ ଏବଂ ତାଙ୍କୁ ପରାକ୍ରମୀ ଆଲ୍ଲା, ଅନନ୍ତକାଳୀନ ପିତା ଓ ଶାନ୍ତିର ରାଜକୁମାର ବୋଲି ଡକାଯିବ।

## ଆଲ୍ଲାଙ୍କର କଲାମ୍ ସଂରକ୍ଷିତ ଅଟେ

ୟସା ନବୀ ଭାବବାଣୀ କରିଥିଲେ, ଏହା ଆଲ୍ଲାଙ୍କର ଇଚ୍ଛା ଅଟେ ଯେ, ଇସା ମସୀ ଗୁନାହ ପାଇଁ କୁର୍ବାନି ହେବେ, ଅନେକଙ୍କୁ ଧାର୍ମିକ କରିବେ ଓ ସେମାନଙ୍କର ଗୁନାହକୁ ବୋହି ନେଇ ଯିବେ।

ଏହି କଥା ଗୁଡିକ ମସିହି ଲୋକମାନେ କିତାବ୍- ଏ- ମୁକଦସ୍‌ର ଅଳଂକୃତ କିମ୍ବା ଯୋଗ କରିନାହାନ୍ତି? ଏହିସବୁ ବିଷୟ ଇସା ମସି ଜଗତକୁ ଆସିବାର ୬୦୦ ବର୍ଷ ପୂର୍ବରୁ ସତ୍ୟ ଭାବରେ ଲେଖା ଯାଇଥିଲା ଓ ସେହି ସବୁ ପୁରାତନ ଅଭିଲେଖାରେ ସଂରକ୍ଷିତ ହୋଇ ରହିଥିଲା।

ଇସା ମସିଙ୍କ ଜନ୍ମ ପୂର୍ବରୁ ପାଲେଷ୍ଟାଇନ୍‌ର ଗୁମ୍ଫା ମାନଙ୍କରେ ସେ ସବୁ ଅଭିଲେଖାଗୁଡିକ ଜଉମୁଦ ହୋଇ ରଖାଯାଇଥିଲା। ବିଂଶ ଶତାବ୍ଦୀରେ ସେଗୁଡିକ ପୁନଃ ଆବିଷ୍କୃତ ହୋଇଥିଲା।

ଆଲ୍ଲା ତାହାଙ୍କର କଲାମ୍ ସୁରକ୍ଷିତ କରି ରଖନ୍ତି।

## କାହିଁକି ଏହି ରକ୍ତରେ କୁର୍ବାନି

ଆଲ୍ଲାଙ୍କର ଗୁଣକୁ ବୁଝିବାର ଅର୍ଥ ଏହା ପ୍ରକାଶ କରେ ଯେ ଆମେ ତାଙ୍କର କାର୍ଯ୍ୟ ଓ ମାର୍ଗକୁ ବୁଝିପାରିବା। ଆଲ୍ଲାଙ୍କର ଗୁଣଗୁଡିକ ଅତି ସମନ୍ୱୟ ରକ୍ଷା କରେ। ତାଙ୍କର ନ୍ୟାୟ ବ୍ୟବସ୍ଥା, ଦୟାରେ ଶକ୍ତିଯୁକ୍ତ ଅଟେ। ଆଲ୍ଲାଙ୍କର ଦୟା, ସ୍ୱୟଂ ଆଲ୍ଲାଙ୍କୁ ବାଧ କରେ ଆମର ଗୁନାହ ସବୁକୁ କ୍ଷମା କରିବାକୁ ଓ ଆମ ସହିତ ତାଙ୍କର ସମ୍ପର୍କକୁ ପୁନଃସ୍ଥାପନ କରିବାକୁ। ଆଲ୍ଲାଙ୍କର ରେହମତ୍ ଅତି ମହାନ ଅଟେ। କିନ୍ତୁ ସେହି ରେହମତ୍ ତାଙ୍କର ନ୍ୟାୟ ବ୍ୟବସ୍ଥା ଉପରେ ରାଜୁତି କରେ ନାହିଁ। ଆଲ୍ଲା ଯେ ଆମର ଗୁନାହକୁ କ୍ଷମା କରି ଭୁଲି ଯାଆନ୍ତି, ତାହା ନୁହେଁ। ନ୍ୟାୟ ବ୍ୟବସ୍ଥା ମଧ୍ୟ ଆଲ୍ଲାଙ୍କର ଗୁଣ ଅଟେ। ଆଉ ତାହା ହେଉଛି ଗୁନାହ ପାଇଁ ମୃତ୍ୟୁ ଦଣ୍ଡ। ଏକ ସମୟରେ ଆଲ୍ଲା କିପରି ଉଭୟ ଦୟାଳୁ ଓ ନ୍ୟାୟବାନ ହୋଇପାରନ୍ତି? ହଁ, କୁର୍ବାନି ନିମନ୍ତେ ଏକ ବିକଳ୍ପ ବଳି ଯୋଗାଇବା ଦ୍ୱାରା। ଆଉ ଏହାର ପ୍ରମାଣ କ'ଣ ଅଟେ? ସେ ଆପଣା ନବୀମାନଙ୍କ ଦ୍ୱାରା, ଆମ୍ଭମାନଙ୍କୁ ଏହି ମାର୍ଗ ଦେଖାଇ ଅଛନ୍ତି। ଆଦମ୍, ନୋହ, ଇବ୍ରାହିମ, ମୁଶା ଏବଂ ଇହୁଦୀମାନେ କୁର୍ବାନିରେ ରକ୍ତ ଉତ୍ସର୍ଗ କରୁଥିଲେ। ନୋହ ନବୀ ଜାହାଜ ମଧ୍ୟକୁ ନେଇଥିବା ଯୋଡା ପଶୁମାନଙ୍କ ମଧ୍ୟରେ ସାତ ପ୍ରକାରର କୁର୍ବାନି ପଶୁ ମଧ୍ୟ ଜାହାଜକୁ ନେଇଥିଲେ। ଆଉ ଯେତେବେଳେ ସେ ଜାହାଜ ମଧ୍ୟରୁ ବାହାରି ଆସିଲେ, ସେ ସବୁ ସେ କୁର୍ବାନିରେ ଉତ୍ସର୍ଗ କଲେ।

ୟହିୟା ନବୀ (ବାପ୍ତିଜକ ଯୋହନ), ଇସା ମସି ଯେ ଅନ୍ତିମ କୁର୍ବାନି, ତାହା ସୁନିଶ୍ଚିତ ହୋଇଥିଲେ। ଆଉ ସେ କହିଥିଲେ, ଏହି ଦେଖ, ଏ ହେଉଛନ୍ତି ଆଲ୍ଲାଙ୍କର ସେହି ମେଣ୍ଢା ଛୁଆ, ଯେ ଦୁନିଆର ଗୁନାହକୁ ବୋହି ନେଇଯାଉଅଛନ୍ତି।

# କାହିଁକି ଆଲ୍ଲା ...

ମନୁଷ୍ୟ ରୂପ ଧାରଣ କରି କୁର୍‌ବାନି ସ୍ୱରୂପ ମୃତ୍ୟୁ ଭୋଗ କଲେ? କାରଣ ଏହାହିଁ ତାହାଙ୍କର ଗୁଣ ଅଟେ। କେବଳ ଆଲ୍ଲାହିଁ ସିଦ୍ଧ ଅଟନ୍ତି। ଯେହେତୁ ସେ ସିଦ୍ଧ ଅଟନ୍ତି, ଆମକୁ ମଧ୍ୟ ସିଦ୍ଧ ହେବାପାଇଁ କୁହନ୍ତି। ଯଦି ଆମେ ଜଣେ ଉତ୍ତମ ବ୍ୟକ୍ତି, ଆଲ୍ଲା ଖୁସି ହେବେ। କିନ୍ତୁ ଆମେ କଦାପି ସିଦ୍ଧ ନୋହୁଁ। ଏହା ଗୋଟିଏ ସାନ ପିଲାର ଉଦାହରଣ ସଦୃଶ, ଯେଉଁ ପିଲା। କି ଅନ୍ୟର ଭାଙ୍ଗି ଦେଇଥିବା ଗୋଟିଏ ଝରକାର ମୂଲ୍ୟ ପାଇଁ ପାଞ୍ଚ ଟଙ୍କା ପ୍ରଦାନ କଲା, ଯାହା ସେହି ଝରକାର ମୂଲ୍ୟଠାରୁ

ବେଶ୍ କମ୍ ଅଟେ। ତାହାର ପିତା ଏହା ଦେଖି ଖୁସି ହେଲେ, କିନ୍ତୁ ସେ ଜାଣିଲେ ଯେ, ଏହି କ୍ଷତି ପାଇଁ ସମ୍ପୂର୍ଣ୍ଣ କ୍ଷତି ପୂରଣ ତାଙ୍କୁ ନିଜକୁ ହିଁ ଦେବାକୁ ପଡିବ। ଯେହେତୁ ସେ ସେହି ବାଳକର ପିତା, ସେହେତୁ ସେ ଏଥିପାଇଁ ଦାୟୀ ଅଟନ୍ତି।

ଆଲ୍ଲାଙ୍କର ସିଦ୍ଧତା ମଧ୍ୟ ଏହା ଦାବି କରେ ଯେ, ଆଲ୍ଲା ହିଁ କେବଳ ଏହି ସୁନ୍ଦର ବିଶ୍ୱ ମଧ୍ୟରେ ଥିବା ଅସୁନ୍ଦର ଦୁନିଆକୁ ସଜାଡ଼ି ଠିକ୍ କରି ଦେଇ ପାରିବେ। ଈଶା ମଶୀହଙ୍କର ମୃତ୍ୟୁ, ଉଦ୍ଧାର ପାଇଁ ଏକ ମାର୍ଗ ଥିଲା, ଯେଉଁ ମାର୍ଗକୁ ଆଲ୍ଲା ଚିହ୍ନଟ କଲେ। ଏବଂ ସମଗ୍ର ଦୁନିଆର ଯନ୍ତ୍ରଣାର ଦାୟିତ୍ୱ ନିଜେ ବହନ କଲେ। ଆମେ କିପ୍ରକାର ଯନ୍ତ୍ରଣାଭୋଗ କରୁଛୁ, ଆଲ୍ଲା ସେ ସବୁ ବୁଝି ପାରନ୍ତି। କାରଣ ତାହାଙ୍କ କଲାମ ଦେହବନ୍ତ ହୋଇ ଏହି ଦୁନିଆରେ ବାସ କଲେ।

## ଜନ୍ନତରେ କିପରି ପ୍ରବେଶ କରିବେ

ଯଦି ଆମେ ଚିନ୍ତା କରୁ ଯେ ନିଜର ଉତ୍ତମ ଧର୍ମକର୍ମ ଦ୍ୱାରା ନଜାତ୍ ପାଇ ପାରିବା, ତେବେ ଆମର ନଜାତ୍ ପାଇଁ ଆଲ୍ଲାଙ୍କ ସହିତ ନିଜକୁ ସାମିଲ କରି, ତାହାଙ୍କ ଗୌରବକୁ ହରଣ କରିବା ପରି ହେବ।

କିନ୍ତୁ ଆଲ୍ଲାଙ୍କର ରେହମତ ବିନା କୌଣସି ବ୍ୟକ୍ତି ଜନତରେ ପ୍ରବେଶ କରି ପାରିବ ନାହିଁ। ଆଲ୍ଲା ତାହାଙ୍କ ନବୀମାନଙ୍କ ଦ୍ୱାରା ଆମ୍ଭକୁ ପ୍ରକାଶ କଲେ ଯେ ତାହାଙ୍କ ଏକମାତ୍ର ମାର୍ଗ ହେଉଛି କୁର୍ବାନି। କିନ୍ତୁ ସେହି କୁର୍ବାନିରେ ସେ ପ୍ରତିବଦଳ ଯୋଗାଇ ଥାନ୍ତି। ଆମ୍ଭକୁ ଜନତକୁ ଫେରାଇ ଆଣିବା ନିମନ୍ତେ ଆଲ୍ଲା ତାଙ୍କର ନ୍ୟାୟ ଓ ଦୟାରେ ଏକ ମାର୍ଗ ପ୍ରସ୍ତୁତ କଲେ। ଯେଉଁ ପ୍ରକାରେ ଭାବବାଣୀ କରାଯାଇଥିଲା ସେହି ପ୍ରକାରେ ଈଶା ମସୀହ ଅନ୍ତିମ, ସିଦ୍ଧ କୁର୍ବାନି ସ୍ୱରୂପେ ଥରେ ମାତ୍ର ଦୁନିଆକୁ ଆସିଲେ । ଆମ ସମସ୍ତଙ୍କର ଗୋଟିଏ ଦିନ କୟାମତ ହେବ। ଆଲ୍ଲା ଯେଉଁ ମେଣ୍ଢଛୁଆକୁ ଯୋଗାଇଲେ ତାହା ଦ୍ୱାରା ଇବ୍ରାହିମ ଓ ତାଙ୍କ ପୁତ୍ର ଆଲ୍ଲାଙ୍କର ରେହମତକୁ ଗ୍ରହଣ କଲେ। ଯଦି ସେମାନେ ସେହି ମେଣ୍ଢାଛୁଆକୁ ଗ୍ରହଣ କରି ନଥାନ୍ତେ, ତେବେ କ'ଣ ହୋଇଥାନ୍ତା? ଇବ୍ରାହିମଙ୍କ ପୁତ୍ରକୁ ମୃତ୍ୟୁଭୋଗ କରିବାକୁ ପଡ଼ିଥାନ୍ତା। ଆଲ୍ଲା ଆମ୍ଭମାନଙ୍କ ନଜାତ ପାଇଁ ଯେଉଁ ପ୍ରୟୋଜନୀୟ ଯୋଗାଇଛନ୍ତି ଯଦି ଆମ୍ଭେ ତାହାକୁ ଗ୍ରହଣ ନକରିବା, ତେବେ ଆମ ପ୍ରତି କ'ଣ ଘଟିବ? ଆମ୍ଭେମାନେ ମଧ୍ୟ ମୃତ୍ୟଭୋଗ କରିବା ।

## ଆମ୍ଭେ ଏହାକୁ ଗ୍ରହଣ କରୁ!

ଆଲ୍ଲାଙ୍କର ସେହି ରେହମତର ମାର୍ଗକୁ ଗ୍ରହଣ କରିବାକୁ ହେଲେ, ତୁମ୍ଭର ଗୁନାହ ସବୁକୁ କବୁଲ କରିବାକୁ ହେବ। ଆଉ ଇମାନ ରଖିବାକୁ ହେବ ଯେ, ମୁଁ ମୋହର ଗୁନାହ ସକାଶୁ ଯେଉଁ ସ୍ଥାନରେ ରହିବା କଥା, ଆଲ୍ଲା ଈଶା ମସୀହଙ୍କୁ ମୋ ପାଇଁ ସେହି ସ୍ଥାନରେ ରଖିଲେ। ତେବେ ଯାଇ ଆଲ୍ଲାଙ୍କ ସହିତ ତୁମ୍ଭର ନୂତନ ଜୀବନ ଆରମ୍ଭ ହୋଇ ପାରିବ।

ପ୍ରତ୍ୟେକ ଦିନ ଦୂଆ କରନ୍ତୁ ଏବଂ କିତାବ-ଏ-ମୁକଦସ ପାଠ କରନ୍ତୁ। ଯେଉଁମାନେ ଈଶା ମସୀହଙ୍କୁ ନଜାତ୍‌ଦାତା ଭାବରେ ଇମାନ ରଖିଛନ୍ତି, ସେମାନଙ୍କ ସହିତ ସଙ୍ଗତି ରଖନ୍ତୁ। ସମସ୍ତଙ୍କ ସହିତ ମୁହବତରେ ରୁହନ୍ତୁ, ଈଶା ମସୀହଙ୍କ ଦ୍ୱାରା ଗୁନାହ ମାଫ ହୁଏ, ଏହି ସୁସମ୍ବାଦ ଅନ୍ୟକୁ ମଧ୍ୟ ଜଣାନ୍ତୁ।

( ଆୟତ, କିତାବ - ଏ – ମୁକଦସ) (ତୋରାତ୍, ଜବୂର, ଇଞ୍ଜିଲ୍): ରୋମୀୟ ୩:୨୧ – ୨୬; ଜବୂର ୧୧୮:୧; ଆଦିପୁସ୍ତକ ୩:୬- ୮, ୨୨; କୋରାନ ୩୭:୧୦୭; ଯାତ୍ରାପୁସ୍ତକ ୨୦:୨୪; ଦ୍ୱିତୀୟ ବିବରଣ ୨୯, ଯିରିମିୟ ୩୧:୩୧; ଯୋହନ୧:୧, ୧୪,୫:୨୭; ଯିଶାଇୟ ୯:୬,୭; ୪୦:୮, ୫୩:୧୦ – ୧୨; ରୋମୀୟ ୧୦:୯,୧୦; ଏବ୍ରୀ ୨:୧୦,୪:୧୬, ୧୦:୨୫;ଯୋହନ ୧୫;ମାଥିଉ୨୮:୧୮ – ୨ ୦

ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ